# କଟକ ମହାନଗର ନିଗମ ସ୍ୱତନ୍ତ୍ର ବୈଠକ ବିବରଣୀ

**ତା. ୩୧.୦୩.୨୦୧୮ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୧.୦୩.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ବୈଠକ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ଶ୍ରୀଯୁକ୍ତା ନମିତା ବାରିକ | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |
| ୨୨. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |

| | | |
|---|---|---|
| ୨୩. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୪. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୫. | ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୬. | ଶ୍ରୀଯୁକ୍ତା କାଂଚନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୭. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୮. | ଶ୍ରୀଯୁକ୍ତା ବୈଶାଳୀ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୯. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୩୦. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୧. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୨. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୩. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୪. | ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୫. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୬. | ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୬ |
| ୩୭. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୮. | ଶ୍ରୀଯୁକ୍ତା ସୁଲୋଚନା ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୯. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୪୦. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୧. | ଶ୍ରୀଯୁକ୍ତ ଚିରଂଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୨. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୩. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୪. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୫. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୬. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୭. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୮. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୯. | ଶ୍ରୀମତୀ ମମତା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୫୦. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୧. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୩ |
| ୫୨. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୩. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୪. | ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୫. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |

୫୬. ଶ୍ରୀଯୁକ୍ତା ରାଜକୁମାରୀ ସାଇଁ, କର୍ପୋରେଟର, ୱାର୍ଡ଼ ନଂ. – ୫୮

୫୭. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧ |
| ୩. | ଶ୍ରୀଯୁକ୍ତ ନିରୁପମା ସାଇଁ | ଉପ ଆୟୁକ୍ତ-୨ |
| ୪. | ଶ୍ରୀଯୁକ୍ତା ସରିତା ଧନୱାର | ଉପ ଆୟୁକ୍ତ-୪ |
| ୫. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୬. | ଡ଼ଃ ମାନସ ରଂଜନ ସାମନ୍ତରାୟ | ସ୍ୱାସ୍ଥ୍ୟ ଅଧିକାରୀ |
| ୭. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୮. | ଶ୍ରୀମତି ତିଳୋତମା ସାହୁ | ଓଏସ୍‌ଡ଼ି |
| ୯. | ଶ୍ରୀଯୁକ୍ତ ମନୀସ ସରକାର | ନିର୍ବାହୀ ଯନ୍ତ୍ରୀ -୧ |
| ୧୦. | ଶ୍ରୀଯୁକ୍ତ ଭାଗ୍ୟଧର ସାହୁ | ନିର୍ବାହୀ ଯନ୍ତ୍ରୀ -୨ |
| ୧୧. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ଉପ ନିର୍ବାହୀ ଯନ୍ତ୍ରୀ |
| ୧୨. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ସୁଶାନ୍ତ କୁମାର ଭୂୟାଁ | ସହକାରୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ପ୍ରଭାଶ ଚନ୍ଦ୍ର ବିଶ୍ୱାଳ | କନିଷ୍ଠ ଯନ୍ତ୍ରୀ |

ଅଦ୍ୟ ସ୍ୱତନ୍ତ୍ର ବୈଠକର ପ୍ରାରମ୍ଭରେ ମେୟର ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ଅଧ୍ୟକ୍ଷା କର୍ପୋରେଟର, ନିଗମର ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ପରେ ନିଗମ ଅଂଚଳରେ ଗ୍ରୀଷ୍ମ ପ୍ରବାହ ତଥା ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ଆଲୋଚନା କରାଯାଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ନିମନ୍ତେ ଆଲୋକପାତ କରିଥିଲେ । ଅମୃତ ଯୋଜନାରେ ନିଗମ ଅଂଚଳରେ ୫ ଗୋଟି ପାର୍କ ନିର୍ମାଣ କରାଯାଇଥିବାରୁ ସାରା ଭାରତରେ ଓଡ଼ିଶାର କଟକ ସହର ଏକ ନମ୍ବର ହୋଇଥିବାରୁ ଏହି ପ୍ରଶଂସନୀୟ କାର୍ଯ୍ୟ ପାଇଁ ହାଇଦ୍ରାବାଦରେ କଟକ ସହରକୁ ସମ୍ବର୍ଦ୍ଧନା କରାଯାଇଥିଲା ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ ଏହି ସ୍ୱତନ୍ତ୍ର ବୈଠକରେ ଆଲୋକପାତ କରି କଟକ ସହର ଓଡ଼ିଶାର ଏକ ମାତ୍ର ସହର ଭାବେ ଅମୃତ ଯୋଜନାରେ ପାର୍କ ଏବଂ ପାନୀୟଜଳ ଯୋଗାଇବାରେ ଭଲ କାର୍ଯ୍ୟ କରାଯାଇଥିବାରୁ ସର୍ବଭାରତୀୟ ସ୍ତରରେ କଟକ ସହରକୁ ସମ୍ବର୍ଦ୍ଧିତ କରାଯାଇଛି । ନିଗମ ଅଂଚଳରେ ଥିବା ଯୋବ୍ରା ଏବଂ ଅନ୍ୟାନ୍ୟ ପାର୍କରେ **Open Gym** ସ୍ଥାପନ କରାଯାଇଥିବାରୁ ବହୁତ ଭଲ ବାର୍ତ୍ତା ଆସୁଛି ଏବଂ ଏହା ଭଲ ଭାବେ ଆଦୃତ ହୋଇପାରିଛି । ଖାନ୍‌ନଗର ପାର୍କରେ ଜନବହୁଳ ହେଉଥିବାରୁ ସେଠାରେ **Open Gym** ସ୍ଥାପନ କରାଯିବା ନିମନ୍ତେ ପ୍ରସ୍ତାବ ନଥିଲେ ମଧ୍ୟ ଉକ୍ତ ପାର୍କର ଜନବହୁଳତାକୁ ଦୃଷ୍ଟିରେ ରଖାଯାଇ **Open Gym** କରାଯିବା ସହ ନିଗମ ଅଂଚଳରେ ପ୍ରତ୍ୟେକ ପାର୍କରେ **Open Gym** ର ବ୍ୟବସ୍ଥା କରାଯିବା ନିମନ୍ତେ ଘୋଷଣା କରିଥିଲେ । ଯୋବ୍ରା ପାର୍କ ଠାରେ ଟାଟା ଟ୍ରଷ୍ଟ ପକ୍ଷରୁ ୨ ଗୋଟି ଲେଖାଏଁ ଶୌଚାଳୟ ନିର୍ମାଣ

କରାଯିବା ସହ ନିଗମ ଅଂଚଳରେ ଥିବା ଅନ୍ୟ ପାର୍କ ଗୁଡ଼ିକରେ ମଧ୍ୟ ୨ ଗୋଟି ଲେଖାଏଁ ଶୌଚାଳୟ ନିର୍ମାଣ କରାଯିବା ପାଇଁ ଘୋଷଣା କରିଥିଲେ । ନିଗମ ଅଂଚଳରେ ଥିବା ସମସ୍ତ ପାର୍କ ଗୁଡ଼ିକରେ ପାନୀୟ ଜଳ ଯୋଗାଣ କରାଯିବା ନିମନ୍ତେ ବ୍ୟୟ ଅଟ୍ଟକଳ କରାଯିବା ନିମନ୍ତେ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଗମର ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ଉପସ୍ଥାପନ କରାଯାଇଥିବା ଟେଣ୍ଡର ଗୃହରେ ପାରିତ ହେବା ପରେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଥିଲା କିନ୍ତୁ ଜାଗୃତି ନାମକ ସଂସ୍ଥା ଟେଣ୍ଡର ପକ୍ରିୟାକୁ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ରୁଜୁ କରାଯାଇଥିବାରୁ ନ୍ୟାୟାଳୟ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଗତ ତା ୨୭.୪.୨୦୧୮ ରିଖ ଦିନ ନ୍ୟାୟାଳୟରେ ଶୁଣାଣିଥିବାରୁ ଜାଗୃତି ସଂସ୍ଥା ତାହାର ତଥ୍ୟ ଉପସ୍ଥାପନ କରିବା ପାଇଁ ୧୫ ଦିନ ସମୟ ଦେବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ ନିବେଦନ କରିଥିବାରୁ ତା ୧୨.୦୪.୨୦୧୮ ରିଖକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । କିନ୍ତୁ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ରାମକୀ ସଂସ୍ଥା ତା ୩୧.୦୩.୨୦୧୮ ରିଖ ଠାରୁ ସଫେଇ କାର୍ଯ୍ୟ କରିବ ନାହିଁ ବୋଲି ଗତ ତା ୧୩.୦୩.୨୦୧୮ ରିଖରେ ପତ୍ର ମାଧ୍ୟମରେ ନିଗମକୁ ଜଣାଇ ଦେଇଥିବାରୁ ତା ୦୧.୦୪.୨୦୧୮ ରିଖ ଠାରୁ ମକଦ୍ଦମା ଫଏସଲା ହେବା ପର୍ଯ୍ୟନ୍ତ କିଭଳି ପରିମଳ ସଫେଇ କାର୍ଯ୍ୟ କରାଯାଇପାରିବ ସମସ୍ତଙ୍କ ସୁଚିନ୍ତିତ ମତାମତ ଚାହିଁଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖାଯାଇ ନିଗମର ପ୍ରତ୍ୟେକ ଓ୍ୱାର୍ଡ଼ରେ ଗୁରୁତ୍ୱପୁର୍ଣ୍ଣ ସ୍ଥାନ ମାନଙ୍କରେ ଅନ୍ୟୁନ ୨ ଗୋଟି ମାଠିଆ ସାହାର୍ଯ୍ୟରେ ପ୍ରତ୍ୟେକ ଓ୍ୱାର୍ଡ଼ର ୨ ଗୋଟି ସ୍ଥାନରେ ଜଳଛତ୍ର ଖୋଲାଯିବା ନିମନ୍ତେ **CSR Fund** ରୁ ୪ ଗୋଟି ବିଭିନ୍ନ ରାଷ୍ଟ୍ରୀୟ ବ୍ୟାଙ୍କ ତଥା ଅନ୍ୟାନ୍ୟ ସଂସ୍ଥାର ସହଭାଗିତାରେ କରାଯିବା ପାଇଁ ଯୋଗାଯୋଗ କରାଯାଇଅଛି । ଉକ୍ତ ବ୍ୟାଙ୍କ ଗୁଡ଼ିକ ୧୦ ଗୋଟି ଲେଖାଏଁ ଜଳଛତ୍ର କେନ୍ଦ୍ର ଖୋଲିବେ ବୋଲି ଗୃହରେ ଅବଗତ କରିଥିଲେ । **Urban P.H.** ମାଧ୍ୟମରେ ରାଜ୍ୟ ସରକାରଙ୍କର **Guideline** ଅନୁଯାୟୀ **Black Syntex Tank** ବଦଳରେ **White Syntex Tank** ଦ୍ୱାରା ପ୍ରତ୍ୟେକ ଓ୍ୱାର୍ଡ଼ରେ ଜଳଛତ୍ର ଖୋଲାଯିବ ବୋଲି ଗୃହରେ ଅବଗତ କରିଥିଲେ । ନିଗମ ଅଂଚଳରେ ଯେଉଁ ନଳକୂପ ଗୁଡ଼ିକ ଅଚଳ ଅବସ୍ଥାରେ ରହିଛି ତାହାକୁ ମରାମତି ନକରି ନୂତନ ନଳକୂପ ବସାଯିବା ନିମନ୍ତେ ଆସନ୍ତା ସପ୍ତାହରେ ମାନ୍ୟବର ମେୟରଙ୍କ ଅଧ୍ୟକ୍ଷତାରେ ଜନସ୍ୱାସ୍ଥ୍ୟ ବିଭାଗ ସହିତ ଏକ ମିଳିତ ବୈଠକ କରାଯାଇ ନିଷ୍ପତି ଗ୍ରହଣ କରାଯିବ । କୁକୁର ବନ୍ଧ୍ୟାକରଣ ନିମନ୍ତେ ଡ଼ାକ୍ତର ନିୟୋଜନ କରାଯାଇଛି ଏବଂ ଖୁବ୍ ଶିଘ୍ର ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ନିଗମର ପେଟ୍ରୋଲ ପମ୍ପ ଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସପ୍ତାହରେ ୭ଦିନ କାର୍ଯ୍ୟ କରିଆସୁଅଛନ୍ତି କିନ୍ତୁ ସେମାନେ କୌଣସି ଛୁଟି ଦିନ ମାନଙ୍କରେ ତାଙ୍କର ପ୍ରାପ୍ୟ ପାଉନଥିବାରୁ ଛୁଟିଦିନ ମାନଙ୍କରେ ଉକ୍ତ କର୍ମଚାରୀମାନଙ୍କୁ ଟ. ୨୦୦ ଟଙ୍କା ଏବଂ ବରିଷ୍ଠ ସହାୟକ ଏବଂ ମ୍ୟାନେଜର ମାନଙ୍କ ପାଇଁ ଟ. ୩୦୦/-ଙ୍କା ପ୍ରଦାନ କରାଯିବାକୁ ଗୃହରେ ଘୋଷଣା କରିଥିଲେ ।

ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ନିଗମ ଅଂଚଳରେ ଜଳଛତ୍ର ଖୋଲାଯିବା ନିମନ୍ତେ ପ୍ରସ୍ତାବ ଦେବା ତାହାର ତଦାରଖ ନିମନ୍ତେ ଜଣେ ନୋଡ଼ାଲ ଅଫିସରଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବା ସହ ସାନିଟାରୀ ଇନ୍ସପେକ୍ଟରମାନଙ୍କୁ ତଦାରଖ ପାଇଁ ଦାୟୀତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ପାର୍କ ଏବଂ ସ୍ୱଛ ପାନୀୟ ଜଳ ଯୋଗାଣ ପାଇଁ ଅମୃତ ଯୋଜନାରେ କଟକ ସହର ସର୍ବଭାରତସ୍ତରରେ ପ୍ରଶଂସିତ ହେବା ନିଗମ ପାଇଁ ଗର୍ବ ଓ ଗୌରବର ବିଷୟ । ଉକ୍ତ ଯୋଜନାରେ ଆହୁରୀ ଅଧିକ ପାର୍କ ନିର୍ମାଣ କରାଯିବା ସହ ପାର୍କ ଗୁଡ଼ିକରେ ପାନୀୟ ଜଳ ଯୋଗାଣ

ଓ ବୈଦ୍ୟୁତିକ ସଂଯୋଗ କରାଯିବା ନିମନ୍ତେ  ମତବ୍ୟକ୍ତ କରିଥିଲେ । ନିଗମର ବର୍ଯ୍ୟବସ୍ତୁ କାର୍ଯ୍ୟ ତୁଲାଇ ଆସୁଥିବା ରାମକୀ ସଂସ୍ଥା ତା ୩୧.୦୩.୨୦୧୮ରିଖ ଠାରୁ ସଫେଇ କାର୍ଯ୍ୟ କରିବ ନାହିଁ ବୋଲି ଗତ ତା ୧୩.୦୩.୨୦୧୮ ରିଖରେ ପତ୍ର ମାଧ୍ୟମରେ ନିଗମକୁ ଜଣାଇ ଦେଇଥିବାରୁ ତା ୦୧.୦୪.୨୦୧୮ ରିଖ ଠାରୁ ମକଦ୍ଦମା ପଇସଲା ହେବା ପର୍ଯ୍ୟନ୍ତ ସହରରେ କିଭଳି ପରିମଳରେ ସୁଧାର ଆସିବ  ଏବଂ ବର୍ଯ୍ୟବସ୍ତୁ ପରିବହନ ହୋଇପାରିବ ସେଥିପ୍ରତି ବିହିତ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି, ଅଧ୍ୟକ୍ଷ, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ନିଗମର ପ୍ରତ୍ୟେକ ୱାର୍ଡ଼ରେ ଜଳଛତ୍ର ଖୋଲାଯିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଜଳଛତ୍ରର କାର୍ଯ୍ୟକାରୀତା ଯଥା ପ୍ରତ୍ୟେହ ପାଣି ବଦଳାଇବା ଏବଂ ମାଠିଆ ଗୁଡ଼ିକ ସଫା କରାଯିବା ଆଦି ତଦାରଖ କରିବା ନିମନ୍ତେ ଟିକସ ଅସୁଲକାରୀ ଓ ସାନିଟାରୀ ଇନ୍ସପେକ୍ଟରମାନଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବିଚାରଧିନଥିବାରୁ  ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ରାମକୀ ସଂସ୍ଥା ତା ୩୧.୦୩.୨୦୧୮ରିଖ ଠାରୁ ସଫେଇ କାର୍ଯ୍ୟ କରିବ ନାହିଁ ବୋଲି ଲିଖିତ ଭାବେ ଜଣାଇଥିବାରୁ  ମକଦ୍ଦମା ଫଇସଲା ହେବା ପର୍ଯ୍ୟନ୍ତ ଯେଉଁ ସଂସ୍ଥାକୁ ଅସ୍ଥାୟୀ ଭାବେ ସଫେଇ କାର୍ଯ୍ୟ ପ୍ରଦାନ କରାଯିବ, ସେହିସଂସ୍ଥାକୁ ରାମକୀ ଏବଂ ନିଗମ ମଧ୍ୟରେ ହୋଇଥିବା ଚୁକ୍ତିପତ୍ର ଅନୁଯାୟୀ ଆବର୍ଜନାକୁ ଓଜନ କରାଯାଇ ମାପ ଅନୁସାରେ ବିଲ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରକାଶ ଥାଉକି ଆବର୍ଜନା ମାପିବାର ଓଜନ କଣ୍ଟା ବର୍ଷ ବର୍ଷ ଧରି ଖରାପ ହୋଇପଡ଼ିଛି କିନ୍ତୁ ମରାମତି କରାଯାଉନାହିଁ ।  ଭୁବନେଶ୍ୱର ମହାନଗର ନିଗମର କଣ୍ଟା ଖରାପ ହେଲେ ପ୍ରାଇଭେଟ ଓଜନ ମାପ ଦ୍ୱାରା ଆବର୍ଜନାକୁଓଜନ କରାଯାଇ ଦେୟ ପ୍ରଦାନ କରାଯାଉଥିବା ବେଳେ କଟକରେ କାହିଁକି କରାଯିବ ନାହିଁ । ତେଣୁ ୭ ଦିନ ମଧ୍ୟରେ ଓଜନ କଣ୍ଟାକୁ ମରାମତି କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।  BBG Metal Syndicate Pvt. Ltd., Badambadi, Cuttack କୁ ନିଗମର ୪୦ ଗୋଟି ୱାର୍ଡ଼ର ସଫେଇ କାର୍ଯ୍ୟ ଦେବା ନିମନ୍ତେ କମିଶନର କିମ୍ବା ମେୟର ଯେଉଁ ନିଷ୍ପତି  ନେଉଛନ୍ତି ତାହା ଆଇନ ଅନୁଯାୟୀ ତର୍ଜମା କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଉ । ଯଦି କୌଣସି ତୃଟି ପରିଲକ୍ଷିତ ହୁଏ କିମ୍ବା  ଆଇନର ଉଲଂଘନ କରାଯାଏ ତେବେ ଭବିଷ୍ୟତରେ ଏଥିପାଇଁ ମାନ୍ୟବର ମେୟର ଓ କମିଶନର ସମ୍ପୂର୍ଣ୍ଣଭାବେ ଦାୟୀ ରହିବେ ବୋଲି ସୁଚାଇ ଦେଇଥିଲେ । ନିଗମ ଅଂଚଳରେ ରାସ୍ତାଘାଟରେ ବାଲି, ଗୋଡ଼ି, ଇଟା ଏବଂ ଘରର ମଳୁଆ ପକାଯାଇ ରାସ୍ତା ଅବରୋଧ କରୁଛନ୍ତି ।  ସେଥିପାଇଁ ନିଗମ ପରିଷଦ ବୈଠକରେ ଜୋରିମାନା ଆଦାୟ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲେ ସୁଦ୍ଧା କାହିଁକି ଜୋରିମାନା ଆଦାୟ କରାଯାଉନାହିଁ ।  ଏ ବାବଦରେ ପୂର୍ବରୁ  ୨୬ ଲକ୍ଷ ଟଙ୍କା ଆଦାୟ କରାଯାଉଥିଲା ଏବଂ ଏ ବାବଦରେ କନିଷ୍ଠ ଯନ୍ତ୍ରୀ ଓ ସାନିଟେରୀ ଇନ୍ସପେକ୍ଟର ମାନେ ପୂର୍ବରୁ ଜୋରିମାନା ଆଦାୟ କରୁଥିଲେ । ତେଣୁ ଏ ବାବଦରେ ନିଷ୍ପତି ଗ୍ରହଣ କରାଯାଇ ରାସ୍ତା ଅବରୋଧ କାରିଙ୍କ ଠାରୁ ଜୋରିମାନା ଆଦାୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।  ନିଗମ ଅଂଚଳରେ ବିଭିନ୍ନ ୱାର୍ଡ଼ରେ ଛୁଟିଦିନ ମାନଙ୍କରେ କାର୍ଯ୍ୟକରୁଥିବା ଏନ୍‌ଏଫସି କୁଲିମାନଙ୍କୁ ଛୁଟିଦିନ କାର୍ଯ୍ୟପାଇଁ ଦୈନିକ ଟ. ୨୦୦/-(ଦୁଇଶହ) ଟଙ୍କା ହାରରେ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ଦୟାନିଧି ନାୟକ, କର୍ପୋରେଟର, ୱାର୍ଡ଼ ନଂ-୪୯, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୱାର୍ଡ଼ରେ କେତେକ ନଳକୂପ ଖରାପ ଥିବାବେଳେ କେତେକ ନଳକୂପରେ ଅପରିଷ୍କାର

ପାଣି ବାହାରୁଛି, ଏ ଗୁଡ଼ିକୁ ମରାମତି କରାଯିବା ପାଇଁ ନିଗମ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ହୋଇପାରୁନାହିଁ । ତେଣୁ ଏ ବାବଦରେ ତୁରନ୍ତ ବୈଠକ କରାଯାଇ ଉକ୍ତ ସମସ୍ୟାର ସମାଧାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ଜୟଦେବ ଜେନା କର୍ପୋରେଟର, ୱାର୍ଡ଼ ନଂ-୪୦, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଅମୃତ ଯୋଜନାରେ କଟକ ମହାନଗର ନିଗମ ସର୍ବଭାରତ ସ୍ତରରେ ପୁରସ୍କୃତ ହୋଇଥିବାରୁ ସ୍ୱାଗତ ଜଣାଇଥିବା ସହ ଯୋବ୍ରା ପାର୍କ ପ୍ରାଚେରୀ ଉଚ୍ଚତା କମ୍ ଥିବାରୁ ଲୋକମାନେ ମଳ /ମୁତ୍ର ତ୍ୟାଗ କରୁଥିବାରୁ ପାର୍କରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଅଛି । ତେଣୁ ଉକ୍ତ ପ୍ରାଚେରୀର ଉଚ୍ଚତା ବୃଦ୍ଧି କରାଯିବା ସହ ୨ ଗୋଟି ପରିଶ୍ରାଗାର/ଶୌଚାଳୟ ନିର୍ମାଣ ବର୍ଷାଦିନ ପୁର୍ବରୁ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମ ଅଂଚଳରେ ଖୋଲା ଯାଗାରେ ମଳତ୍ୟାଗ ନିଷେଧ କରାଯିବା ପୁର୍ବରୁ ଶୌଚାଳୟ ନିର୍ମାଣ କରାଯାଉ ନଚେତ ଗରିବ ଲୋକମାନଙ୍କ ନିମନ୍ତେ ମଳତ୍ୟାଗ କରିବା ପାଇଁ ଦେୟମୁକ୍ତ ଶୌଚାଳୟର ବ୍ୟବସ୍ଥା କରାଯିବା ପରେ ବାହାରେ ମଳତ୍ୟାଗ ନିଷେଧ ପାଇଁ ପ୍ରସ୍ତାବ ଦେଇଥିଲେ । ବର୍ଯ୍ୟବସ୍ତୁ ପରିଚାଳନାରେ କାର୍ଯ୍ୟ କରୁଥିବା ରାମକୀ ସଂସ୍ଥା ଲିଖିତ ଆକାରରେ ଜଣାଇବା ପରେ ତା ୦୧.୦୪.୨୦୧୮ରିଖ ଠାରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଫଏସଲା ହେବା ପର୍ଯ୍ୟନ୍ତ କଟକ ସହରରେ ବର୍ଯ୍ୟବସ୍ତୁ ପରିଚାଳନା କିପରି ହୋଇପାରିବ ଏ ଦିଗରେ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଉଜ୍ଜଳା ଯୋଜନାରେ ନିଗମର ବିଭିନ୍ନ ୱାର୍ଡ଼ରେ ଲଗାଯାଇଥିବା ୨୫ ୱାଟ ଏଲ୍ଇଡ଼ି ଦ୍ୱାରା ଆଲୋକ କମ୍ ହେଉଥିବାରୁ ୨୫ ୱାଟ ବଦଳରେ ୪୫ ୱାଟ ଲଗାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତା ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ୱାର୍ଡ଼ରେ ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ ବିଛାଯାଇ ଜଳ ଯୋଗାଣ କରାଯାଉଅଛି କିନ୍ତୁ ୬ ମାସ ଧରି ପାଣି ପାଇପରେ ଅଳିଆ ଆସୁଥିବାରୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗକଲେ ମଧ୍ୟ ଯୋଗାଯୋଗ ହୋଇପାରୁନାହିଁ । ତାଙ୍କ କାର୍ଯ୍ୟାଳୟକୁ ଗଲେ ମଧ୍ୟ ଦେଖାହେଉନାହିଁ, ତେଣୁ କେତେଦିନ ମଧ୍ୟରେ ପାଣିପାଇପ ମରାମତି କରାଯିବ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୨, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ କଟକ ମହାନଗର ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ସ୍ୱାଗତ ଜଣାଇବା ସହ ନିଗମ ଅଧିକରୁ ଅଧିକ ଜନହିତକର କାର୍ଯ୍ୟ କଲେ ଅନେକ ଗୌରବ ଆଣିପାରିବ ବୋଲି ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିଗମର ଗୁରୁତ୍ୱପୁର୍ଣ୍ଣ ସ୍ଥାନ ମାନଙ୍କରେ ଶୌଚାଳୟ ନିର୍ମାଣ କରାଯିବା ଏକ ବାସ୍ତବବାଦୀ ପଦକ୍ଷେପ ଅନୁଭବ ହେଉଥିବା ବେଳେ ସହର ମଧ୍ୟରେ ବଡ଼ବଡ଼ିଆ ଗୃହ ମାଲିକମାନେ କୁକୁର ପାଳନ କରି ରାସ୍ତାରେ ଆଣି ମଳତ୍ୟାଗ କରାଉଥିବା ବେଳେ ସେମାନେ ଏଥିରୁ ନିବୃତ ରହିବା ସହ ଲାଇସେନ୍ସ ଫି ଆଦାୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ମଧୁପାଟଣା ଥାନା ନିକଟରେ ଏକ ଶୌଚାଳୟ ନିର୍ମାଣ କରାଯିବାକୁ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ ମଧୁପାଟଣା ଥାନା ପୋଲିସ ଉକ୍ତ ସ୍ଥାନରେ ଶୌଚାଳୟ ନିର୍ମାଣ କରାଇ ଦେଉନଥିବାରୁ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମ ଅଂଚଳରେ ସମସ୍ତ ଗୃହକୁ ଟିକସ ପରିସରଭୁକ୍ତ କରାଯାଇନଥିବା ବେଳେ ଯେଉଁ ମାନେ ଗୃହଟିକସ ପ୍ରଦାନ ସଠିକ୍ ସମୟରେ ପ୍ରଦାନ କରୁନାହାଁନ୍ତି ସେମାନଙ୍କ ଠାରୁ ୧୦ ପ୍ରତିଶତ ଜୋରିମାନା ଆଦାୟ କରାଯିବା କେତେ ଦୁର ଯଥାର୍ଥ । ତେଣୁ ଜୋରିମାନା ୧୦ ପ୍ରତିଶତରୁ କମ୍ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ନିଗମର

ଅଧିକାରୀମାନେ ପରିଦର୍ଶନରେ ଯାଉଅଛନ୍ତି ଏହା ସ୍ୱାଗତଯୋଗ୍ୟ ହେଲେ କର୍ପୋରେଟର ମାନେ ପରିଦର୍ଶନ ନିମନ୍ତେ ବାରମ୍ବାର ଦାବି ଉପସ୍ଥାପନ କରିଆସୁଥିଲେ ମଧ କାହିଁକି Exposure Visit ବ୍ୟବସ୍ଥା କରାଯାଉନାହିଁ । ଯଥାଶିଘ୍ର କର୍ପୋରେଟରମାନଙ୍କୁ Exposure Visit ରେ ପଠାଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ ।

ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୪, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ , ନିଗମର ପାର୍କ ଗୁଡ଼ିକରେ ପରିଶ୍ରାଗାରନାହିଁ । ବୈଦ୍ୟୁତିକ କାର୍ଯ୍ୟ ସଠିକ ଭାବେ ସରିନଥିବା ବେଳେ ଘାସ ଲଗାଯାଇନାହିଁ । ତେଣୁ ତୁରନ୍ତ ଉପରୋକ୍ତ ବ୍ୟବସ୍ଥା କରାଯିବା ସହିତ ସିଡ଼ିଏ ଅଂଚଳରେ ବହୁ ଜାଗା ମହଜୁଦ ଅଛି, ତେଣୁ ସର୍ଭେ ବିଭାଗ ଦ୍ୱାରା ଯାଗା ଚିହ୍ନଟ କରାଯାଇ ଅଧିକ ଉନ୍ନତ ଧରଣର ପାର୍କ ନିର୍ମାଣ କରାଯିବା ସହ ବରିଷ୍ଠ ନାଗରୀକ ମାନଙ୍କ ନିମନ୍ତେ ମଧ ପାର୍କରେ ସୁବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେହିପରି ନିଗମ ଅଂଚଳରେ ଏଲ୍ଇଡ଼ି ଯୋଜନାରେ ଲଗାଯାଇଥିବା ୨୫ ୱାଟ ବଲବ୍ ଗୁଡ଼ିକ ସଠିକ ଭାବେ ଆଲୋକ ହେଉନଥିବାରୁ ୨୫ ୱାଟ ଲାଇଟ ପରିବର୍ତ୍ତେ ୪୫ ୱାଟର ବଲ୍ବ ଲଗାଯିବାକୁ ପ୍ରସ୍ତାବ ଦେଇଥିଲେ । ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ପକ୍ରିୟା ବାବଦରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ବିଚାରଧିନ ଥିବାରୁ ନିଗମ ବର୍ଯ୍ୟବସ୍ତୁ ପରିଚାଳନା ଦାୟୀତ୍ୱ କୌଣସି ସଂସ୍ଥାକୁ ନଦେଇ ନିଗମ ନିଜେ ହାତକୁ ନେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ ।

ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ-୨୨, ଆଲୋଚନାରେ ଅଂଶ ଗ୍ରହଣ କରି, ନିଗମର ଅତ୍ୟନ୍ତ ଜନଗହଳୀପୁର୍ଣ୍ଣ ସ୍ଥାନରେ ଥିବା ତିନିକୋଣିଆ ବଗିଚା ପାର୍କର ଉନ୍ନତିକରଣ କରାଯିବା ନିମନ୍ତେ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ନିଗମର ପାର୍କ ଗୁଡ଼ିକରେ ପାଣିର ଅଭାବ ପରିଲକ୍ଷୀତ ହେଉଥିବା ବେଳେ ଗୌରିଶଙ୍କର ପାର୍କରେ ଥିବା ଫାଉଣ୍ଟେନ୍କୁ ମରାମତି କରାଯାଉନାହିଁ । ଉକ୍ତ ପାର୍କରେ ସିକ୍ୟୁରିଟି ଗାର୍ଡ଼ ନାହାଁନ୍ତି, ଚର୍ତୁପାର୍ଶ୍ୱ ପ୍ରାଚେରୀ ଭାଙ୍ଗାଯାଇଥିବା ବେଳେ ଏନେଇ ବାରମ୍ବାର ଦାବି ଉପସ୍ଥାପନ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୫ ମସିହାରେ ନେତାଜୀ ପାର୍କର କାର୍ଯ୍ୟ କରାଯିବା ନିମନ୍ତେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲେ ମଧ ଅଦ୍ୟାବଧି କାହିଁକି କାର୍ଯ୍ୟ କରାଯାଇପାରୁନାହିଁ ବୋଲି ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ଏବଂ କେବେ ସୁଦ୍ଧା ଉକ୍ତ କାର୍ଯ୍ୟ କରାଯିବ ତାହାର ଉତର ଗୃହରେ ରଖନ୍ତୁ ବୋଲି ମତବ୍ୟକ୍ତ କରିଥିଲେ ।

ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧, ଆଲୋଚନାରେ ଅଂଶ ଗ୍ରହଣ କରି ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ପକ୍ରିୟା ବାବଦରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବିଚାରଧିନ ଥିବାରୁ ଏବଂ ଅସ୍ଥାୟୀଭାବେ କାର୍ଯ୍ୟ କରୁଥିବା ରାମକୀସଂସ୍ଥା ନିଗମକୁ ବିଧିବଦ୍ଧ ଭାବେ ତା ୦୧.୦୪.୨୦୧୮ରିଖ ଠାରୁ ନିଗମ ଅଂଚଳରେ ସଫେଇ କାର୍ଯ୍ୟ ନକରିବା ପାଇଁ ଜଣାଇଥିବାରୁ, ଉଚ୍ଚ ନ୍ୟାୟାଳୟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା କରାଯିବା ନିମନ୍ତେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହାକୁ ଗୃହରେ ଅବଗତ କରାଯାଉ ବୋଲି ମାନ୍ୟବର ମେୟର ଓ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ଯଦିଓ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ପାରିତ ହୋଇଥିବା ରାମକୀ ଦ୍ୱାରା BBG Metal Syndicate Pvt. Ltd., Badambadi, Cuttack ସଂସ୍ଥାକୁ ବର୍ଯ୍ୟବସ୍ତୁ ପରିଚାଳନା କାର୍ଯ୍ୟଭାର ପ୍ରଦାନ କରାଯାଉ କିନ୍ତୁ ସେଥିରେ ରାମକୀ ସହିତ ନିଗମର ସତ୍ୟପାଠ ଆଧାରରେ ଧାର୍ଯ୍ୟ ଦେୟ ବିନିମୟରେ କରାଯିବା ନିମନ୍ତେ ମତବ୍ୟକ୍ତି କରିଥିଲେ ।

ଶ୍ରୀଯୁକ୍ତା ଏ. ଶ୍ରୀଦେବୀ, ଏଜୁକେସନ ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଂ କମିଟି, ଅଧ୍ୟକ୍ଷା, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଜାଇକା କାର୍ଯ୍ୟ ଦ୍ୱାରା ଡ୍ରେନଗୁଡ଼ିକରେ ମାଟି ଭର୍ତି ହୋଇଯାଇଥିବାରୁ ଜାଇକା ଡ୍ରେନ ସଫେଇ କାର୍ଯ୍ୟ କରୁନାହିଁ । ଯାହାକି ବର୍ଷା ଦିନରେ ଡ୍ରେନ ପାଣି ନିଷ୍କାସନ ନହେଲେ ୱାର୍ଡ଼ର ଅବସ୍ଥା ଶୋଚନୀୟ ହେବ । ତେଣୁ ଜାଇକା କର୍ତୃପକ୍ଷଙ୍କ ଠାରୁ ଡ୍ରେନ ସଫେଇ ବାବଦରେ ଅର୍ଥ ଅଣାଯାଇ ନିଗମ ଦ୍ୱାରା ଡ୍ରେନ ସଫେଇ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଅମୃତ ଯୋଜନାରେ ବିଭିନ୍ନ ପାର୍କ ଗୁଡ଼ିକର କାର୍ଯ୍ୟ କରିଥିବା ଠିକାଦାରମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇନଥିବାରୁ ଯଥାଶିଘ୍ର ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବାକୁ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଂଶୁଘାତ ଜନିତ ସୂଚନା ନିମନ୍ତେ ପ୍ରତ୍ୟେକ ୱାର୍ଡ଼ରେ ବଡ଼ ବଡ଼ ହୋଡ଼ିଂ ମାଧ୍ୟମରେ ଜନସାଧାରଣମାନଙ୍କୁ ସଚେତନତା କରଯିବାକୁ ପ୍ରସ୍ତାବ ଦେଇଥିଲେ ।

ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ-୫୬, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଏଲ୍ଇଡ଼ି ଯୋଜନାରେ ପ୍ରଥମେ ମୁଖ୍ୟ ରାସ୍ତା ଗୁଡ଼ିକରେ ଲାଇଟ ଲଗାଯିବ ବୋଲି ଗୃହରେ ଘୋଷଣା କରାଯାଇଥିଲା କିନ୍ତୁ ଇତି ମଧ୍ୟରେ ଗଳି କନ୍ଦିରେ ଲାଇଟ ଲାଗିଗଲାଣି । ତେଣୁ ୨୫ ୱାଟ ଏଲ୍ଇଡ଼ିରେ ଭଲଭାବେ ଆଲୋକ ହେଉନଥିବାରୁ ତାହାକୁ ପରିବର୍ତନ କରାଯାଇ ୪୫ ୱାର୍ଟର ଲାଇଟ ଲଗାଯିବା ସହ Green Zone ଥିବା ସଦର ଅଂଚଳର ୪ ଗୋଟି ୱାର୍ଡ଼ରେ କେବେ ସୁଦ୍ଧା ଏଲ୍ଇଡ଼ି ଲାଇଟ କାର୍ଯ୍ୟ ଆରମ୍ଭ କରାଯିବ ତାହା ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

ଶ୍ରୀଯୁକ୍ତା ରାଜ କୁମାରୀ ସ୍ୱାଇଁ, କର୍ପୋରେଟର, ୱାର୍ଡ଼ ନଂ-୫୮, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଏଲ୍ଇଡ଼ି ଲାଇଟ ଲଗାଯିବା ନିମନ୍ତେ ସଦର ଅଂଚଳରେ ବର୍ତମାନ ସୁଦ୍ଧା ସର୍ଭେ କରାଯାଇନଥିବାରୁ କେବେ ସୁଦ୍ଧା ସର୍ଭେ କରାଯାଇ ଏଲ୍ଇଡ଼ି ଲାଇଟ ଲଗାଯିବ ସେ ସମ୍ବନ୍ଧରେ ଆୟୁକ୍ତଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ।

**ବୈଠକର ଉପରୋକ୍ତ ଆଲୋଚନା ଅନୁଯାୟୀ ନମ୍ନଲିଖିତ ନିଷ୍ପତି ଗୁଡ଼ିକ ସର୍ବସମତି କ୍ରମେ ପାରିତ କରାଗଲା ।**

୧. ଗତ ତା ୨୮.୦୩.୨୦୧୮ରିଖ ନିଗମର ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ କଟକ ମହାନଗର ନିଗମ ଅଂଚଳରେ ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ଆଧାରରେ ଚୟନ କରାଯାଇଥିବା ଦିଲ୍ଲୀର M/s. Metro Waste Handling Pvt. Ltd. ସଂସ୍ଥା କାର୍ଯ୍ୟ କରିବା ନିମନ୍ତେ ଗତ ତା ୧୫.୧୨.୨୦୧୭ରିଖ ସ୍ୱତନ୍ତ୍ର କାଉନସିଲ ବୈଠକରେ ନିଷ୍ପତି ଗ୍ରହଣ କରାଯାଇ, ନିଗମ ପତ୍ର ସଂ-୭୨/ସିଏଚଓ,ତା ୦୯.୦୧.୨୦୧୮ରିଖରେ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପ୍ରେରଣ କରାଯାଇଥିଲା । ପରବର୍ତି ସମୟରେ ଏହାକୁ ଜାଗୃତି ସଂସ୍ଥା ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ମକଦ୍ଦମା ରୁଜୁ କରାଯାଇ ରହିତାଦେଶ ଜାରି କରାଯାଇଛି । ପୂର୍ବରୁ ଅସ୍ଥାୟୀ ଭାବେ କାର୍ଯ୍ୟ କରିଆସୁଥିବା ରାମକୀ ସଂସ୍ଥାର ପତ୍ର ସଂଖ୍ୟା-REEL/MSW/CUTTACK/13032018/1, dt. 13.03.2018 ଅନୁଯାୟୀ ନିଗମର ବର୍ଯ୍ୟବସ୍ତୁ ପରିଚାଳନା କାର୍ଯ୍ୟ ତା.୩୧.୦୩.୨୦୧୮ରିଖ ପରେ ନକରିବାକୁ ଲିଖିତରେ ଆକାରରେ ନିଗମକୁ ଜଣାଇଅଛି । ତେବେ କଟକ ସହରର ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖାଯାଇ ରାମକୀ ଓ କଟକ ମହାନଗର ନିଗମ ମଧ୍ୟରେ ୨୦୧୧ମସିହାରେ ହୋଇଥିବା ଚୁକ୍ତିନାମାର Clause-15.1 ମୁତାବକ ସଫେଇ ଓ ପରିମଳ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ BBG

Metal Syndicate Pvt. Ltd., Badambadi, Cuttack ନାମକ ଏକ ସଂସ୍ଥାକୁ ଉକ୍ତ କାର୍ଯ୍ୟ ନିମନ୍ତେ ରାମକୀ ନିୟୋଜନ କରିଥିଲା । ବର୍ତ୍ତମାନ ପରିସ୍ଥିତିରେ ସରକାରଙ୍କ ଅନୁମୋଦନକୁ ଭବିଷ୍ୟତରେ ଦୃଷ୍ଟିରେ ରଖାଯାଇ ତା. ୦୧.୦୪.୨୦୧୮ରିଖ ଠାରୁ ନିଗମ ଅଂଚଳରେ ସଫେଇ ଓ ପରିମଳ କାର୍ଯ୍ୟ ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଉକ୍ତ ମାମଲାର ଫଇସଲା ହେବା ସହ ନୂତନ ସଂସ୍ଥା କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ BBG Metal Syndicate Pvt. Ltd., Badambadi, Cuttack ନାମକ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବାକୁ ସ୍ଥିର କରାଗଲା । ରାମକୀ ସଂସ୍ଥା ସହ ଅନୁବନ୍ଧିତ ସମସ୍ତ ସର୍ତ୍ତାନୁଯାୟୀ ସଫେଇ କରଣ କରାଯିବା ସହ ଆବର୍ଜନାକୁ ଓଜନ ମାପ ଅନୁସାରେ ଦେୟ ପ୍ରଦାନ କରାଯିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ମୀନାକ୍ଷୀ ବେହେରା)
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡେ଼ପୁଟି କମିଶନର-୧,୨ / ଡେ଼ପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . . ତା . . . . . . . . . . . . . . . . . . .

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ
ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ . . . . . . . . . . . . . . . ତା . . . . . . . . . . . . . . . . . . .

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ. ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ